## ମତ୍ସ୍ୟ ଉତ୍ପାଦନରେ ଯାନ୍ତ୍ରିକ ଉପକରଣର ବ୍ୟବହାରିତା ଉପରେ ସଚେତନତା ଶିବିର

ଅଦ୍ୟ ତା 01.12.2018 ରିଖ ପୂର୍ବାହ୍ନରେ ଜିଲ୍ଲା ମତ୍ସ୍ୟ ଅଧିକାରୀ, ଢେଙ୍କାନାଳଙ୍କ କାର୍ଯ୍ୟାଳୟ ପରିସରରେ ମତ୍ସ୍ୟ ଉତ୍ପାଦନରେ ଯାନ୍ତ୍ରିକ ଉପକରଣର ବ୍ୟବହାରିତା ଉପରେ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଅଛି । ଉକ୍ତ କାର୍ଯ୍ୟକ୍ରମରେ ମାନ୍ୟବର ଢେଙ୍କାନାଳ ସଦର ବିଧାୟକ ଶ୍ରୀଯୁକ୍ତ ସରୋଜ କୁମାର ସାମଲ ମହୋଦୟ ଯୋଗଦାନ କରିଥିଲେ । ଦୀପ ପ୍ରଜ୍ୱଳନ ପରେ ଉକ୍ତ କାର୍ଯ୍ୟାଳୟର ପୂର୍ବତନ ସହକାରୀ ମତ୍ସ୍ୟ ଅଧିକାରୀ ଶ୍ରୀଯୁକ୍ତ ମୃତ୍ୟୁଞ୍ଜୟ ଜେନା ସଚେତନତା ଶିବିରର ଉଦ୍ଦେଶ୍ୟ ଓ ଉପକାରିତା ଉପରେ ଆଲୋକପାତ କରିଥିଲେ ଏହାପରେ ଜିଲ୍ଲା ମତ୍ସ୍ୟ ଅଧିକାରୀ ଶ୍ରୀଯୁକ୍ତ ଦୀପ୍ତି କୁମାର ମହାପାତ୍ର ଜିଲ୍ଲାରେ ବିଭାଗ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନା ଉପରେ ଆଲୋକପାତ କରିଥିଲେ । ଏହାପରେ ମାନ୍ୟବର ବିଧାୟକ ଶ୍ରୀଯୁକ୍ତ ସରୋଜ କୁମାର ସାମଲ ମହୋଦୟ ମତ୍ସ୍ୟଜୀବି ମାନେ ଉକ୍ତ ଯାନ ନେଇ ମାଛ ବ୍ୟବସାୟରେ ମନ ଦେଲେ ନିଶ୍ଚିତ ଭାବରେ ସେମାନଙ୍କର ଆର୍ଥିକ ଅଗ୍ରଗତି ହେବ ଏବଂ ମତ୍ସ୍ୟଚାଷୀମାନେ ଉତ୍ପାଦନ କରୁଥିବା ମାଛକୁ ବିକ୍ରି କରିବା ପାଇଁ ସହଜ ହେବ । ଏହାଛଡ଼ା ପ୍ରତ୍ୟେକ ବ୍ଲକର ସଦର ମହକୁମାରେ ଗୋଟିଏ ଲେଖାଏଁ ଚିଲିକା ଫ୍ରେସ୍ କରିବାପାଇଁ ଉପଦେଶ ଦେଲେ । ଏହାପରେ ମାନ୍ୟବର ବିଧାୟକ ମହୋଦୟ ଢେଙ୍କାନାଳ ଜିଲ୍ଲାର ବିଭିନ୍ନ ବ୍ଲକର ମତ୍ସ୍ୟଜିବୀ ମାନଙ୍କୁ ସାତଗୋଟି ମୋପେଡ ସହିତ ବରଫ ବାକ୍ସ ଏବଂ ତିନିଗୋଟି ଅଟୋରିକ୍ସା ସହିତ ବରଫ ବାକ୍ସ ପ୍ରଦାନ କରିଥିଲେ । ଏହାପରେ ଧନ୍ୟବାଦ ଅର୍ପଣ ସହ ସଚେତନତା ଶିବିର କାର୍ଯ୍ୟକ୍ରମ ସାଙ୍ଗ କରାଗଲା ।

(ସ୍ୱାକ୍ଷର) 1.12.18

ଜିଲ୍ଲା ମତ୍ସ୍ୟ ଅଧିକାରୀ,
ଢେଙ୍କାନାଳ ।

---

**ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ, ଢେଙ୍କାନାଳ**

ଜ୍ଞାପକ ସଂଖ୍ୟା ୧୧୭୩ /ସୂ.ଲୋ.ସଂ ୦୧/୧୨/୨୦୧୮

ଏହାର ନକଲ ଗଣମାଧ୍ୟମର ପ୍ରତିନିଧିମାନଙ୍କ ଅବଗତି ନିମନ୍ତେ ପଠାଗଲା ।

(ସ୍ୱାକ୍ଷର)

ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, ଢେଙ୍କାନାଳ